## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା

ବ୍ରହ୍ମପୁର ଅଫିସ୍,୨୫।୧୦:ବ୍ରହ୍ମପୁର ମାର୍ଥା ସାହି ଅଞ୍ଚଳର ଜଣେ ଯୁବକଙ୍କୁ ଗୁରୁବାର ଭୋରୁ ଉତ୍କଳ ପେଣ୍ଡାଲ୍ ଛକ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଗୁରୁତର ଜଣକ ହେଲେ ଯଦୁ ଭୂୟାଁ (୩୪)। ଏ ସଂକ୍ରାନ୍ତରେ ବଡବଜାର ପୋଲିସ ନଂ. ୧୭୬/୧୮ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।
ପ୍ରକାଶଯେ, ଯଦୁ ନିଜ ଘରେ ଥିବା ବେଳେ ତାଙ୍କ ଶାଳକ ଶ୍ରୀନୁ ରେଡ୍ଡୀ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜର ଅନ୍ୟ ୨ ଜଣ ସହଯୋଗୀଙ୍କୁ ନେଇ ଗୁରୁବାର ଭୋରୁ କାତିରେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିଲେ ବୋଲି ଯଦୁଙ୍କ ଭାଇ ସନ୍ତୋଷ ଗୁରୁବାର ଥାନାରେ ଏତଲା ଦେଇଛନ୍ତି । ଯଦୁ ଏବଂ ତାଙ୍କ ଶାଳକଙ୍କ ମଧରେ ଜମିଜମା ବିବାଦ ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ କଳହ ହେଉଥିଲା ବୋଲି ସନ୍ତୋଷ ପୋଲିସକୁ ଜଣାଇଛନ୍ତି । ଗୁରୁତର ଯଦୁଙ୍କୁ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ଜଣାଯାଇଛି।

### ଓଡ଼ିଶା ଏଲିଟ୍ ପୁରୁଷ ବକ୍ସିଂ ଦଳର ପୁଣେ ଗସ୍ତ

ବ୍ରହ୍ମପୁର ଅଫିସ,୨୫।୧୦:ଆସନ୍ତା ୨୭ରୁ ୨ତାରିଖ ପର୍ଯ୍ୟନ୍ତ ପୁଣେରେ ତୃତୀୟ ଏଲିଟ୍ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଓଡ଼ିଶା ଦଳ ଗୁରୁବାର ପୁଣେ ଯାତ୍ରା କରିଛନ୍ତି। ଏହି ଦଳରେ ୧୦ ଜଣ ବକ୍ସର ରହିଛନ୍ତି । ସେମାନେ ହେଲେ ଏସ୍.ଭୋଇ, ଅକ୍ଷୟ ନାୟକ, ଆର୍.ନାୟକ, ସୌଭାଗ୍ୟ ରଞ୍ଜନ, ଅବଦୁଲ୍ ରହମନ, ରାଜୁ ସ୍ୱାଇଁ, ସ୍ୱପ୍ନ କୁମାର, ଶୁଭମ୍ ଚୌଧୁରୀ, ଏସ୍. ସାହୁ ଓ ଲଳିତ କୁମାର ଦାସ । ଦଳ ସହ କୋଚ୍ ଭାବେ ବାବୁ ରାଓ, କୃଷ୍ଣ ମହାରଣା ଏବଂ ଶିବରାମ ପାତ୍ର ଯାତ୍ରା କରିଛନ୍ତି । ଏଥି ସହ ସୁପରଭାଇଜର୍ ଭାବେ ଓଡ଼ିଶା ଆମେଚର ବକ୍ସିଂ ସଂଘ ସମ୍ପାଦକ ଅନିଲ କୁମାର ବହିଦାର୍ ଏବଂ ରେଫ୍‌ରି ଶିଶିର କୁମାର ପାଣିଗ୍ରାହୀ ମଧ ଯାତ୍ରା କରିଛନ୍ତି। ସଂଘ କର୍ମକର୍ତ୍ତା ଆଶୀର୍ବାଦ ବେହେରା, ଅଶୋକ ସାହୁ, କେ.ପ୍ରଭାକର ରାଓ, ବିଜୟ ଦାସ, ଅଞ୍ଜନ ଦାସ, ବାବୁ ପାତ୍ର, ରଷିନାଥ ସାହୁ, ଅରକ୍ଷିତ ପାଣିଗ୍ରାହୀ, ଲଡୁ କିଶୋର ସାହୁ, ରବି ପଣ୍ଡା, ପ୍ରଦୀପ ପାତ୍ର, କେଶବ ପଣ୍ଡା, ଶଙ୍କର ପାତ୍ର ଓ ଲକ୍ଷ୍ମୀ ପାଢୀ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ଗଞ୍ଜାମ ଜିଲା କଂଗ୍ରେସର ଅଭିଯୋଗ

# ବ୍ରହ୍ମପୁରରେ ମଦ ଦୋକାନ ସଂଖ୍ୟା ବଢୁଛି

ବ୍ରହ୍ମପୁର ଅଫିସ,୨୫।୧୦

ବ୍ରହ୍ମପୁରରେ ଦେଶୀ, ବିଦେଶୀ ମଦ ଦୋକାନ ସଂଖ୍ୟା ବଢୁଛି। ଖୋଲିବାକୁ ସୁପାରିସ କରୁଛନ୍ତି ବିଧାୟକ। ଏହି ଅଭିଯୋଗ କରିଛି ଗଞ୍ଜାମ ଜିଲା କଂଗ୍ରେସ। ଏଥିରୁ ନିବୃତ୍ତ ହେବାକୁ କୁହାଯାଇଛି। ନଚେତ ଏହାକୁ ପ୍ରସଙ୍ଗ କରି ମହାନଗରରେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ଚେତାବନୀ ଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନର ମଦ ବିରୋଧୀ ଆନ୍ଦୋଳନ ହେଉଥିବା ବେଳେ ଶାସକ ଦଳ ବିଧାୟକ ଦୋକାନ ସଂଖ୍ୟା ବୃଦ୍ଧି ପାଇଁ କରୁଥିବା ସୁପାରିସକୁ ବିରୋଧୀ ଦଳ କଂଗ୍ରେସ ସମାଲୋଚନା କରିଛି ।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ସୂଚାଇଛନ୍ତି, ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ଆସନରୁ ଲଗାତର ୫ ଥର ବିଧାୟକ ହୋଇଛନ୍ତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ମଦ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ଜଣେ ଡ଼ାକ୍ତର ହୋଇ ସେ ଭଲ ଭାବେ ଜାଣିଛନ୍ତି। ତଥାପି ମହାନଗରର ବିଭିନ୍ନ ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଚ୍ୟାଉ ପଟ୍ଟନାୟକ ଜିଲା ପ୍ରଶାସନ ଓ ଅବକାରୀ ବିଭାଗକୁ ସୁପାରିସ କରୁଛନ୍ତି । କାହିଁକି ସୁପାରିସ କରୁଛନ୍ତି, ଏହା ରହସ୍ୟ


SUPERINTENDENT OF EXCISE BERHAMPUR

TO WHOM IT MAY CONCERN.

This is to certify that the Radhanathpur Liquor shop, ward no.26 of Berhampur Municipality Corporation was situated in Revenue village Radhanathpur over Plot No. 974/2780 & 974/1331 under Khata No.253/13.. since last 1 years. I do not have any objection if the branch O.S.shop is allowed to operate/open in its existing site.

... Chandra Chaupattnaik
M.L.A. Berhampur

ବିଧାୟକଙ୍କ ସୁପାରିସ ଚିଠି ।

**ଖୋଲିବାକୁ ସୁପାରିସ କରୁଛନ୍ତି ବିଧାୟକ**

ଘେରକୁ ଆସିଥିବା ପଣ୍ଡା କଟାକ୍ଷ କରିଛନ୍ତି । ୨୪ ବର୍ଷର ବିଧାୟକ ସହରାଞ୍ଚଳ ବିକାଶକୁ ଗୁରୁତ୍ୱ ନ ଦେଇ ମଦ ଦୋକାନ ମାଲିକଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବାରୁ ନିନ୍ଦା କରିଛି କଂଗ୍ରେସ ।

ସୂଚନାଯୋଗ୍ୟ ବିଧାୟକଙ୍କ ମଦ ଦୋକାନ ସପକ୍ଷ ନୀତି ବିରୋଧରେ ୨୦୧୨ ଅକ୍ଟୋବରରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ଏହା ଜାତୀୟ ଓ ଆଞ୍ଚଳିକ ଖବର କାଗଜରେ ପ୍ରକାଶ ପାଇଥିଲା । ଏହାସତ୍ତ୍ୱେ ମହାନଗରର ୨୬ ନଂ. ୱାର୍ଡରେ ମଦ ଦୋକାନ ଖୋଲିବା ପାଇଁ ୨୦୧୮ ଏପ୍ରିଲ ୨୭ରେ ସୁପାରିସ କରିଛନ୍ତି ବିଧାୟକ। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ଆଣି ଏବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାର ନିଷ୍ପତ୍ତି ନେଇଛି । ପୀତବାସ ଆହୁରି ଦର୍ଶାଇଛନ୍ତି, ୨୦୧୧ ଡିସେମ୍ବର ୩୧ରେ ବିଧାୟକ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଏବଂ ଟ୍ରେକର ଷ୍ଟାଣ୍ଡ ରୋଡରେ ଠିପିଖୋଲା ମଦ ଦୋକାନ ଖୋଲିବା ସପକ୍ଷରେ ଅବକାରୀ ସଚିବ ଓ ଗଞ୍ଜାମ ଜିଲାପାଳଙ୍କୁ ସୁପାରିସ କରିଥିଲେ । ରାଜସ୍ୱ ବୃଦ୍ଧି ଲାଗି ଏହା ଏକ ମାଧ୍ୟମ ଏବଂ ନିଶାସକ୍ତମାନେ ରାସ୍ତା କଡ଼ରେ ନିଶାପାନ କରୁଥିବାରୁ ସେଠାରେ ଓପନବାର ଜରୁରୀ ବୋଲି ଦର୍ଶାଇଥିଲେ । ଇତିମଧ୍ୟରେ ପୁଣି ୨୬ନଂ. ୱାର୍ଡ ପାଇଁ ସେ ସୁପାରିସ କରିଛନ୍ତି ।

ଏ ସମ୍ପର୍କରେ ବ୍ରହ୍ମପୁର ବିଧାୟକ ଡା. ଚ୍ୟାଉ ପଟ୍ଟନାୟକ କହିଛନ୍ତି, ମୋ ଅଜାଣତରେ କେହି ସୁପାରିସ ପତ୍ର ଲେଖି ଆଣି ଗହଳି ଭିତରେ ଦସ୍ତଖତ କରି ନେଇ ଥାଇପାରନ୍ତି। ଯଦି ଲୋକେ ବା ଅଞ୍ଚଳବାସୀଙ୍କ ଆପତ୍ତି ହୁଏ ତେବେ ଦୋକାନକୁ ପ୍ରଶାସନ ବନ୍ଦ କରିଦେବା ଉଚିତ। ଅପରପକ୍ଷରେ ବିରୋଧୀ ଦଳ ଏହାକୁ ନେଇ ରାଜନୀତି କରୁଥିବା ସେ ସମାଲୋଚନା କରିଛନ୍ତି ।

## ଦିବ୍ୟାଙ୍ଗ ଶିଶୁଙ୍କୁ ହ୍ୱିଲ୍‌ଚେୟାର୍ ପ୍ରଦାନ


ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଶିଶୁଙ୍କୁ ହ୍ୱିଲ୍ ଚେୟାର୍ ପ୍ରଦାନ କରାଯାଇଛି ।

ବ୍ରହ୍ମପୁର ଅଫିସ,୨୫।୧୦

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି ହସ୍ତକ୍ଷେପ ପରେ ବ୍ଲକ ପ୍ରଶାସନ ପକ୍ଷରୁ ୬ ଜଣ ଭିନ୍ନକ୍ଷମ ଶିଶୁଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି । ଖଲ୍ଲିକୋଟ ବ୍ଲକ ନୀଳକଣ୍ଠ ଶବର, ରିଙ୍କନ ପ୍ରଧାନ, ନିକୁଞ୍ଜ ପ୍ରଧାନ, ରଶ୍ମିତା ପ୍ରଧାନ ଏବଂ କବିସୂର୍ଯ୍ୟନଗର ବ୍ଲକର ଶୁଭମ୍ ପ୍ରଧାନଙ୍କୁ ଏହି ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଛି। ଉକ୍ତ ଦିବ୍ୟାଙ୍ଗ ଶିଶୁମାନେ ବିଭିନ୍ନ ସମସ୍ୟାରେ ଗତି କରୁଥିବା ଦେଖି ସ୍ଥାନୀୟ ପାରା ଲିଗାଲ୍ ଭଲ୍ୟୁଣ୍ଟିର ପଦ୍ମଚରଣ ସାହୁଙ୍କ ଦ୍ୱାରା ଜିଲା ଆଇନ ସେବା ପ୍ରାଧିକରଣ କମିଟି ସଚିବ ବିଜୟ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ବିଭୁ ପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ, ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଡିଓଙ୍କୁ ପତ୍ର ମାଧ୍ୟମରେ ୬ ଦିବ୍ୟାଙ୍ଗ ଶିଶୁଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଦିବ୍ୟାଙ୍ଗ ଶିଶୁମାନଙ୍କୁ ପୃଥକ ପୃଥକ ଭାବେ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା ।


ପବିତ୍ର କାର୍ତ୍ତିକ ମାସ ଗୁରୁବାରଠାରୁ ଆରମ୍ଭ ହୋଇଛି । ବ୍ରହ୍ମପୁର ବ୍ରଜନଗର ରାଧାକୃଷ୍ଣ ମନ୍ଦିରରେ ମହିଳାମାନେ ହବିଷ ବ୍ରତ ପାଳନ କରୁଛନ୍ତି । (ଫଟୋ-ସମୀର)

## ବକ୍ସିଂ ପ୍ରତିଭା ଶୁଭମ୍ ଚୌଧୁରୀ

ବ୍ରହ୍ମପୁର ଅଫିସ,୨୫।୧୦:ପୁଣେରେ ଆୟୋଜିତ ହେବାକୁ ଥିବା ତୃତୀୟ ଏଲିଟ୍ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନ୍‌ଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ୧୦ ଜଣିଆ ଦଳରେ ରହିଛନ୍ତି ବ୍ରହ୍ମପୁରର ଏକ ମାତ୍ର ଖେଳାଳି ଶୁଭମ୍ ଚୌଧୁରୀ। ୨୫ବର୍ଷୀୟ ଶୁଭମ୍ ଜାତୀୟ ପ୍ରତିଯୋଗିତାକୁ ନେଇ ଉତ୍ସାହିତ ଥିବା କହିଛନ୍ତି। ଅକ୍ଟୋବରରେ ବିଶାଖାପାଟଣାରେ ଅନୁଷ୍ଠିତ ଜାତୀୟ ୟୁଥ୍ ବକ୍ସିଂ ଚାମ୍ପିୟନ୍‌ଶିପ୍ ପରେ ପୁଣେରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ହେଉଛି ଶୁଭମ୍‌ଙ୍କର ଦ୍ୱିତୀୟ ଜାତୀୟସ୍ତରୀୟ ପ୍ରତିଯୋଗିତା । ୮୧ରୁ ୮୬ କି.ଗ୍ରା.ଓଜନ ବର୍ଗରେ ଖେଳୁଥିବା ଶୁଭମ୍ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଥିବା କହିଛନ୍ତି। ପେସାରେ ଜଣେ



ଜିମ୍ ଟ୍ରେନ୍‌ର ଶୁଭମ୍ ମାତ୍ର ୫ବର୍ଷ ପୂର୍ବେ ବକ୍ସିଂ ଖେଳିବା ଆରମ୍ଭ କରିଥିଲେ। ଏହା ଭିତରେ ସେ ଅନେକ ରାଜ୍ୟସ୍ତରୀୟ ଏବଂ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଜିମ୍ ଟ୍ରେନର୍ ଥିବା ଯୋଗୁ ସେ ନିଜକୁ ଫିଟ୍ ରଖିପାରିଛନ୍ତି। ବକ୍ସିଂରେ ଏହାର ଫାଇଦା ମିଳୁଛି ବୋଲି ପ୍ରକାଶ କରିଛନ୍ତି। ବ୍ରହ୍ମପୁର ଷ୍ଟାଡିୟମ୍‌ରେ ସକାଳ ୨ ଘଣ୍ଟା ଏବଂ ଅପରାହ୍ନରେ ୨ ଘଣ୍ଟା ଅଭ୍ୟାସ କରୁଛନ୍ତି। କୋଚ୍ ଶିଶିର ପାଣିଗ୍ରାହୀଙ୍କ ତାଲିମ୍ ଏବଂ ମାର୍ଗଦର୍ଶନ ତାଙ୍କ କ୍ରୀଡ଼ା ଜୀବନରେ ବିରାଟ ପରିବର୍ତ୍ତନ ଆଣିପାରିଛି ବୋଲି ଶୁଭମ୍ କହିଛନ୍ତି ।

## ବୃନ୍ଦାବନ ନାୟକଙ୍କ ୩୪ତମ ସ୍ମୃତିଚାରଣ

ବ୍ରହ୍ମପୁର ଅଫିସ,୨୫।୧୦

ପୂର୍ବତନ ମନ୍ତ୍ରୀ ଏବଂ ବ୍ରହ୍ମପୁର ପୌର ପରିଷଦର ପ୍ରାକ୍ତନ ନଗରପାଳ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ରେଶମ ନଗରୀରେ ପାଳିତ ହୋଇଯାଇଛି। ହିଲ୍‌ପାଟଣାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ତାଙ୍କ ପୁତ୍ର ତଥା ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟ ନାଥ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ହିଲ୍‌ପାଟଣା ଉନ୍ନୟନ କମିଟିର ବଳରାମ ପଣ୍ଡା, ବିଜୟ ସାବତ, ପ୍ରକାଶ ଚନ୍ଦ୍ର ପଣ୍ଡା, ସୁଶାନ୍ତ ସାବତ, ସମରଶେନ ପାତ୍ର, ପ୍ରମୋଦ ମହାରଣା, ରାମଚନ୍ଦ୍ର ତ୍ରିପାଠୀ, ନରସିଂହ ପଣ୍ଡା, ରମଣୀ ରଞ୍ଜନ ମହାନ୍ତି, ତାରିଣୀ ଚରଣ ସାମନ୍ତରା ଓ ଶରତ ଚୌଧୁରୀ ପ୍ରମୁଖ ଏବଂ ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା ଯୋଗ ଦେଇଥିଲେ। ବର୍ତ୍ତମାନର ଯୁବପିଢ଼ି କର୍ମବୀର ବୃନ୍ଦାବନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ବିକାଶ କରିବାକୁ ଆହ୍ୱାନ ଦିଆଯାଇଥିଲା। ଯୁବନେତା ଗଣେଶ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିରେ ସତ୍ୟଭାମା ମହିଳା ସମିତି କର୍ମକର୍ତ୍ତା ଯୋଗ ଦେଇଥିଲେ। ସ୍ୱର୍ଗତ ନାୟକଙ୍କ ନିଜ ଗ୍ରାମ ଶାସନ ଆମ୍ବଗାଁସ୍ଥିତ ବୃନ୍ଦାବନ ବିଦ୍ୟାପୀଠରେ ମଧ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା । ମହାନଗର କମାପଲ୍ଲୀ ଛକରେ ସ୍ଥାପିତ ବୃନ୍ଦାବନଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମୂହ ପ୍ରାର୍ଥନା କରାଯାଇଥିଲା ।

ସେହିପରି ବୃନ୍ଦାବନ ନାୟକ ସ୍ମୃତି କମିଟି ପକ୍ଷରୁ ଗୀତା ଭବନରେ ସ୍ମୃତିଚାରଣ ସଭା ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ


ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମୂହ ପ୍ରାର୍ଥନା ।

ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ତାରାତାରିଣୀ ମନ୍ଦିର ଉନ୍ନୟନ ପରିଷଦ ସମ୍ପାଦକ ପ୍ରମୋଦ ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମହାନ ସଂଘ ସଭାପତି ସୁଶାନ୍ତ ସାବତ, ବିଜେଡି ନେତା ଜାମୁଲା ଶଙ୍କର ନାରାୟଣ ଯୋଗ ଦେଇଥିଲେ। ସୀମାଞ୍ଚଳ ମହାପାତ୍ରଙ୍କ ସମେତ ବିଭିନ୍ନସ୍ତରର ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସ୍ମୃତି କମିଟି କର୍ମକର୍ତ୍ତା ଓ ଅନ୍ୟମାନେ ସ୍ୱର୍ଗତ ନାୟକଙ୍କ ସମାଧି ଏବଂ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୂଚନାଯୋଗ୍ୟ, ବୃନ୍ଦାବନ ୮ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବିଭିନ୍ନ ସମୟରେ ମନ୍ତ୍ରୀ ଓ ବିରୋଧୀ ଦଳ ନେତା ପଦ ସମ୍ଭାଳିଥିଲେ ।

■ଏମ୍‌କେସିଜିରେ ସୁରକ୍ଷା ବ୍ୟବସ୍ଥା ଢିଲା

# ଡାକ୍ତରଙ୍କୁ ନିଶାସକ୍ତ ଯୁବକଙ୍କ ଆକ୍ରମଣ

ବ୍ରହ୍ମପୁର ଅଫିସ୍,୨୫।୧୦

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ଶିଶୁ ବିଭାଗ ଆଇସିୟୁରେ ଗୁରୁବାର ଅପରାହ୍ନରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି । ଶିଶୁ ବିଭାଗର ଜଣେ ଡାକ୍ତରଙ୍କୁ ଯୁବକ ଜଣକ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ । ପରେ ଡାକ୍ତର ଏବଂ ସୁରକ୍ଷାକର୍ମୀ ଯୁବକଙ୍କୁ କାବୁ କରି ମେଡିକାଲ ଫାଣ୍ଡି ପୋଲିସକୁ ଜିମା ଦେଇଥିଲେ ।

ପ୍ରକାଶଯେ, ଗୁରୁବାର ଅପରାହ୍ନରେ ଗୋଳନ୍ଥରା ଥାନା ଅନ୍ତର୍ଗତ

**ମେଡିକାଲ ଫାଣ୍ଡିରେ ଅଟକ**

କୋଳଥିଗାଁର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ବଡ ମେଡିକାଲ ଶିଶୁ ବିଭାଗ ୱାର୍ଡରେ ପଶି କୌଣସି କାରଣ ନ ଥାଇ ସମସ୍ତଙ୍କୁ ଗାଳିଗୁଲଜ କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଆଇସିୟୁ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ଉପସ୍ଥିତ ଥିବା ସୁରକ୍ଷାକର୍ମୀ ଏହାର ପ୍ରତିବାଦ କରିଥିଲେ ମଧ ଶୁଣି ନ ଥିଲେ। ପରେ ସେହି ୱାର୍ଡରେ ଉପସ୍ଥିତ ଥିବା ମେଡିକାଲ କର୍ମଚାରୀ, ସୁରକ୍ଷା କର୍ମୀ ଓ ରୋଗୀଙ୍କ ସମ୍ପର୍କୀୟ ଯୁବକଙ୍କୁ କାବୁ କରି ମେଡିକାଲ ଫାଣ୍ଡି ପୋଲିସ ଜିମା ଦେବା ସହ ବୈଦ୍ୟନାଥପୁର ଥାନା ପୋଲିସକୁ ଖବର ଦେଇଥିଲେ । ଏନେଇ ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟଙ୍କୁ ପଚାରିବାରୁ ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଛନ୍ତି । ତାଙ୍କୁ ମେଡିକାଲ ଫାଣ୍ଡିରେ ଅଟକ ରଖାଯାଇଛି । ସମ୍ପୃକ୍ତ ଡାକ୍ତର ଜଣକ ରିପୋର୍ଟ ଦେଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

■ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୁର୍ନୀତି ପ୍ରସଙ୍ଗ

# ଆରଡିସିଙ୍କୁ ତଦନ୍ତ ଦାୟିତ୍ୱ

ବ୍ରହ୍ମପୁର ଅଫିସ, ୨୫।୧୦

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆର୍ଥିକ ଅନୀୟମିତତା ଓ ଦୁର୍ନୀତି ଘଟଣାର ତଦନ୍ତ କରିବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି. ଆଓ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ୬୦ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି । ପୂର୍ବରୁ ବିଶ୍ୱବିଦ୍ୟାଳୟର ଆର୍ଥିକ ଅନିୟମିତତା ଓ ଦର୍ନୀତି ଘଟଣାର ତଦନ୍ତ କରିବାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଦୀର୍ଘମାସ ପରେ ଅଚାନକ ତଦନ୍ତ ଦାୟିତ୍ୱ ଆରଡିସିଙ୍କୁ ହସ୍ତାନ୍ତର କରାଯିବା ବିଶ୍ୱବିଦ୍ୟାଳୟର ଦୁର୍ନୀତି ପ୍ରସଙ୍ଗକୁ ଏକ ଭିନ୍ନ ମୋଡ ଦେବା ନେଇ ଚର୍ଚ୍ଚା ହୋଇଛି ।

ସୂଚନାଯୋଗ୍ୟ, କିଛି ମାସ ପୂର୍ବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ଆସିଥିବା ରୁଷା ଓ ୟୁଜିସି ଟଙ୍କାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ସ୍ୱାର୍ଥ ତଥା ବିଳାସବ୍ୟସନ ପାଇଁ ଖର୍ଚ୍ଚ କରିଥିବା ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟର


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ।

**୬୦ ଦିନ ମଧ୍ୟରେ ଦେବେ ରିପୋର୍ଟ**

ପୂର୍ବତନ ସଭାପତି ତଥା ଛାତ୍ରନେତା ଭବାନୀକାନ୍ତ ସାହୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିବା ସହ ଭିଜିଲାନ୍ସ କୋଟରେ ଏନେଇ ଏକ ପିଟିଶନ ଦାଖଲ କରିଥିଲେ । ବିଶ୍ୱବିଦ୍ୟାଳୟର ଗବେଷଣା ଓ ଶିକ୍ଷା ବିକାଶ ପାଇଁ ଆସିଥିବା ରୁଷା ଫଣ୍ଡ ଟଙ୍କାକୁ କର୍ତ୍ତୃପକ୍ଷ ନିଜସ୍ୱ ବିଳାସ ବ୍ୟସନରେ ଖର୍ଚ୍ଚ କରିଥିବା, କୌଣସି ସାଧାରଣ ଟେଣ୍ଡର ପ୍ରକାଶ ନ କରି ଏକ ନିର୍ଦ୍ଦିଷ୍ଟ କମ୍ପାନୀରୁ ସମସ୍ତ ସାମଗ୍ରୀ କିଣାଯାଇଥିବା ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ବହି ଦୋକାନରୁ ବହୁ ମୂଲ୍ୟର ବହି କ୍ରୟ କରାଯାଇଥିବା ସେମାନେ ପିଟିସନରେ ଦର୍ଶାଇଥିଲେ । ଦେଢବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟରେ ୪୦ କୋଟି ଟଙ୍କାର ଅନୀୟମିତତା ହୋଇଥିବା ଭବାନୀ ଅଭିଯୋଗ କରିଥିଲେ। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କୁ ମଧ ଘଟଣାର ତଦନ୍ତ କରାଯିବା ନେଇ କେତେକ ଛାତ୍ରନେତା ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ ଅନିୟମିତତାର ଯାଞ୍ଚ ପାଇଁ ଦୁଇ ଦୁଇଟି ଅଡିଟ ଟିମ୍ ଆସି ଯାଞ୍ଚ କରି ଫେରିଥିଲେ ।

■ମହାନଗର ହେବ ଶ୍ରେଷ୍ଠ ସହର

# ବିଏମ୍‌ସି ପକ୍ଷରୁ ୱାଲପେଣ୍ଟିଂ ଆରମ୍ଭ

ବ୍ରହ୍ମପୁର ଅଫିସ, ୨୫।୧୦

ବ୍ରହ୍ମପୁରକୁ ସ୍ୱଚ୍ଛ, ସୁନ୍ଦର ଭାବେ ଗଢିତୋଳିବା ଓ ଦେଶର ଶ୍ରେଷ୍ଠ ସହରରେ ପରିଣତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସହରକୁ ସ୍ୱଚ୍ଛ, ସ୍ମାର୍ଟ ସିଟିରେ ପରିଣତ କରିବାକୁ ନେଇ ସିଟି ୱାଇଫାଇ, ଇଣ୍ଟିଗ୍ରେଟେଡ ଟ୍ରାଫିକ ସିଷ୍ଟମ ଭଳି ବ୍ୟବସ୍ଥା ଲାଗୁ କରାଯିବା ନେଇ ବିଏମ୍‌ସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ଏବେ ସହରର ସୌନ୍ଦର୍ଯ୍ୟକରଣ ଉପରେ ନିଗମ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ବିସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ନେଇ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଓଭରବ୍ରିଜ କାନ୍ଥରେ ୱାଲପେଣ୍ଟିଂ କାର୍ଯ୍ୟ ବିଏମ୍‌ସି ହାତକୁ ନେଇଛି । ବୁଧବାରରୁ ସହରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାନ୍ଥ, ଓଭରବ୍ରିଜ କାନ୍ଥରେ ୱାଲପେଣ୍ଟିଂ କାର୍ଯ୍ୟ ଆରମ୍ଭ ହୋଇଥିବା ବିଏମ୍‌ସି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ପର୍ଯ୍ୟାୟରେ କମାପଲ୍ଲୀ ଓଭରବ୍ରିଜର କାନ୍ଥରେ ୱାଲପେଣ୍ଟିଂ ଆରମ୍ଭ ହୋଇଛି । ଏକଜିଟିକ ସାଇନେକ୍ସ ନାମକ ଏକ ସଂସ୍ଥାକୁ ସହରର ସରକାରୀ କାର୍ଯ୍ୟାଳୟ ଓ ଓଭରବ୍ରିଜ କାନ୍ଥରେ ୱାଲପେଣ୍ଟିଂ କରାଯିବା ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଦେଶର ଏକ ଶ୍ରେଷ୍ଠ ସହରରେ ପରିଣତ କରିବା ନେଇ ୨୦୧୭ ଜୁନ-ଜୁଲାଇରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ତତ୍କାଳୀନ ନିଗମ କମିଶନର ନିଖିଲ ପୱନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ, କଲେଜ କାନ୍ଥଗୁଡିକରୁ ପୋଷ୍ଟର ହଟାଯାଇ ସେଠାରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବାର୍ତ୍ତା ଭିତ୍ତିକ ଚିତ୍ରକଳା ସହ ଓଡିଶା ଓ

**■ଓଭରବ୍ରିଜ, ସରକାରୀ ଅଫିସ କାନ୍ଥରେ ପାରମ୍ପରିକ ଚିତ୍ର**
**■ଖର୍ଚ୍ଚହେବ ପ୍ରାୟ ୯୦ ଲକ୍ଷ**


କମାପଲ୍ଲୀ ଓଭରବ୍ରିଜ କାନ୍ଥରେ ଅଙ୍କା ଯାଇଥିବା ପଟ୍ଟଚିତ୍ର ।

ଆଦୀବାସୀଙ୍କ ପାରମ୍ପରିକ ଚିତ୍ରକଳା, ଝୋଟି ଆଦି ଚିତ୍ର କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଖଲ୍ଲିକୋଟ କଲେଜ ଷ୍ଟାଡିୟମ କାନ୍ଥରେ ବିଭିନ୍ନ ଅନୁଷ୍ଠାନ ଛାତ୍ରମାନେ ଚିତ୍ରକଳା ଅଙ୍କନ କରିଥିଲେ । ଏପରିକି ବ୍ରହ୍ମପୁର ପୌର ପରିଷଦ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ବିଏମ୍‌ସି କାର୍ଯ୍ୟାଳୟର ପ୍ରତ୍ୟେକ କାନ୍ଥରେ ମଧ ଆଦିବାସୀ ଚିତ୍ରକଳା ଅଙ୍କନ କରାଯାଇଥିଲା । ଏହା ସହ ସହରର କୌଣସି ସରକାରୀ କାନ୍ଥରେ ଆନୁଷ୍ଠାନିକ ପୋଷ୍ଟର, ବିଜ୍ଞାପନ ପୋଷ୍ଟର ଲଗାଯିବାକୁ ନିଷେଧ କରାଯାଇଥିଲା । କିନ୍ତୁ ଏହି ୱାଲପେଣ୍ଟିଂ କାର୍ଯ୍ୟ କେବଳ ଖଲ୍ଲିକୋଟ କଲେଜ ଷ୍ଟାଡିୟମ ଓ ଖଲ୍ଲିକୋଟ କଲେଜ ରୋଡର କେତେକ କାନ୍ଥରେ ଅଙ୍କାଯିବା ପରେ ବନ୍ଦ ହୋଇଯାଇଥିଲା । ଫଳରେ ପୁଣି କାନ୍ଥଗୁଡିକରେ ବିଭିନ୍ନ ଅନୁଷ୍ଠାନ ନିଜର ବିଜ୍ଞାପନ ଭିତ୍ତିକ ପୋଷ୍ଟର ଲଗାଉଥିବା ଦୃଷ୍ଟିକୁ ଆସିଥିଲା ।

Press Regd. No. R.N. 21326/74 Postal Regd. No. BN/42/18-20.
ବ୍ରହ୍ମପୁର, ଶୁକ୍ରବାର ଅକ୍ଟୋବର ୨୬/୨୦୧୮ Berhampur,Friday October 26/2018

# ସ୍ପେଶାଲ ଡ୍ରାଇଭ: ଗଞ୍ଜାମ ଜିଲାର ସବୁଠି ହେଲା ସଫେଇ

ଛତ୍ରପୁର,୨୫।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଗୁରୁବାର ସ୍ୱତନ୍ତ୍ର ଗଣ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ, ଗାଁଗୁଡ଼ିକରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଜିଲାପାଳ ତଥା ଜିଲା ଜଳ ଓ ପରିମଳ କମିଟି ଅଧ୍ୟକ୍ଷ ବିଜୟ ଅମୃତା କୁଲାଙ୍ଗେ ଜିଲାର ବିଡିଓମାନଙ୍କୁ ୨୩ ତାରିଖରେ ଚିଠି କରି ଏହି ସ୍ୱତନ୍ତ୍ର ଗଣ ସଫେଇ ଅଭିଯାନରେ ସାମିଲ ହୋଇ ଏହାକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଏହି ଅଭିଯାନରେ ବ୍ରହ୍ମପୁର ଓ ଭଞ୍ଜନଗର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ, ହସକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମସ୍ତ ୨୨ ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷ ପ୍ରମୁଖ ସାମିଲ ହୋଇଥିଲେ । ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ, ଗାଁ ଓ ବ୍ଲକ କାର୍ଯ୍ୟାଳୟକୁ ସଫେଇ କରାଯାଇଥିଲା। ଏଥିସହ ଉକ୍ତ ଅଭିଯାନରେ ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ବିଜୁ ଯୁବବାହିନୀ, ସ୍ଥାନୀୟ ସ୍ୱେଚ୍ଛାସେବୀ, ମୋଟିଭେଟରମାନେ ସାମିଲ ହୋଇ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ ।

**ପାଇଖାନା, ଘର ନିର୍ମାଣ ପାଇଁ ସଚେତନତା ସଭା**


ସଫେଇ ଚାଲିଛି ।

ବ୍ଲକ, ପଞ୍ଚାୟତ, ଗାଁ ଓ ମୁଖ୍ୟ ସ୍ଥାନଗୁଡିକରେ ସଫେଇ ସହ ବର୍ଜ୍ୟବସ୍ତୁ ପରିଚାଳନା ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଥିଲା । ପଞ୍ଚାୟତସ୍ତରରେ ଥିବା ନୋଡାଲ ଅଫିସର ଓ ବିଡିଓମାନଙ୍କୁ ଏହି ଅଭିଯାନର କାର୍ଯ୍ୟକାରୀ ଦାୟିତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମର ଫଟୋଗ୍ରାଫି କରାଯାଇଥିଲା । ଏହି ଅଭିଯାନ କାର୍ଯ୍ୟକାରୀ ପାଇଁ ଜିଲାର ପ୍ରତି ପଞ୍ଚାୟତକୁ ୫ ହଜାର ଟଙ୍କା ଅନୁଦାନର ବ୍ୟବସ୍ଥା କରାଯାଇଛି । ଏହି ଅନୁଦାନ ସ୍ୱଚ୍ଛ ଭାରତ (ଗ୍ରାମୀଣ) ଅନୁଦାନରୁ ମିଳିବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମ ପାଇଁ ସକାଳ ୬ ଟାରେ ସମସ୍ତେ ଏକତ୍ରିତ ହୋଇଥିଲେ । ପରେ ହସ୍ପିଟାଲ, ଅଙ୍ଗନୱାଡି କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ ଓ ସ୍କୁଲଗୁଡିକରେ ସଫେଇ କାର୍ଯ୍ୟ ହୋଇଥିଲା । ସଫେଇ କାର୍ଯ୍ୟ ଶେଷ ପରେ ଲୋକଙ୍କୁ ସେମାନଙ୍କ ଘରେ ପାଇଖାନା ନିର୍ମାଣ ଓ ରୁରାଲ ହାଉସିଂରେ ଘର ନିର୍ମାଣ କରିବାକୁ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ପ୍ରବର୍ତ୍ତାଇବା ସହ ସଚେତନ କରିଥିଲେ ।

# ଭାରପ୍ରାପ୍ତ ଅଧିକାରୀଙ୍କ ମୃତଦେହ ଉଦ୍ଧାର

ଗୋପାଳପୁର,୨୫।୧୦

**ଭଞ୍ଜବିହାର ଦୂରଶିକ୍ଷା ବିଭାଗ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୂରଶିକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ତଥା ବଜେଟ ଅଧିକାରୀ ଫିଲମେନ ଶବରଙ୍କ ଗଳିତ ମୃତଦେହ ବୁଧବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି। ଚମାଖଣ୍ଡି ଓ ଗୋପାଳପୁର ପୋଲିସ ଶବରଙ୍କ ମୃତଦେହ ଏକ ନାଳରୁ ଠାବ କରିଥିବା ଜଣାପଡ଼ିଛି। ଏ ନେଇ ଚମାଖଣ୍ଡି ଥାନାରେ ନଂ.୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୋପାଳପୁର ଥାନା ଅଞ୍ଚଳର ଫିଲମେନ ଶବର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୂରଶିକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୮ ତାରିଖ ସନ୍ଧ୍ୟାରେ ସେ ଘରୁ କେଉଁଆଡେ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ନିଖୋଜ ନେଇ ତାଙ୍କ ସ୍ତ୍ରୀ ସୁଷମା ଗତ ୨୩ ତାରିଖରେ ଭଞ୍ଜବିହାର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ନଂ.୩୪/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ସନ୍ଧ୍ୟାରେ ମାଣ୍ଡିଆପଲ୍ଲୀ ଓ କରାପଲ୍ଲୀ ରାସ୍ତା ସାଇ ମନ୍ଦିର ନିକଟରେ ଦୁର୍ଗନ୍ଧ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଜାଣିବାକୁ ପାଇଥିଲେ। ଖବର ପାଇ ଫିଲମେନଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ୨ ଥାନାର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଚମାଖଣ୍ଡି ଓ ଗୋପାଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ନାଳରୁ ଫିଲମେନଙ୍କ ଗଳିତ ମୃତଦେହ ଜବତ କରି ଚମାଖଣ୍ଡି ପୋଲିସ ବ୍ରହ୍ମପୁର ବଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଚମାଖଣ୍ଡି ପୋଲିସ ନଂ.୬/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




# ନଦୀରେ ଭାସି ଯାଇଥିବା ୨ ଭାଇଙ୍କ ମୃତଦେହ ଉଦ୍ଧାର

ପୁରୁଷୋତ୍ତମପୁର,୨୫।୧୦ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଭୀମପୁର ଗ୍ରାମରେ ବୁଧବାର ଋଷିକୁଲ୍ୟା ନଦୀରେ ଗାଧୋଉଥିବାବେଳେ ଭାସି ଯାଇଥିବା ୨ ଭାଇଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ସକାଳ ପ୍ରାୟ ୧୦ଟାରେ ସାନ ଭାଇ ଶୁଭମ୍‌ର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅପରାହ୍ନରେ ବଡଭାଇ ସଂଗ୍ରାମର ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ମୃତଦେହ ଜବତ କରି ନଂ.୧୯ ଓ ୨୦/୧୮ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଭୀମପୁର ସରପଞ୍ଚ ନାରାୟଣ ପାଣିଗ୍ରାହୀ ପଞ୍ଚାୟତରୁ ୪ ହଜାର ଟଙ୍କା ସହାୟତା ମୃତକଙ୍କ ବାପା ଗୌତମ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ସୀତାରାମ ପାଣିଗ୍ରାହୀ ଓ ଦଳୀୟ କର୍ମୀମାନେ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ଗୌତମ ପ୍ରଧାନଙ୍କ ପୁଅ ସଂଗ୍ରାମ(୧୬) ଓ ଶୁଭମ୍(୧୩) ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଙ୍ଗମାନଙ୍କ ସହ ଗ୍ରାମ ନିକଟ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସାନ ଭାଇ ଶୁଭମ୍‌ଙ୍କର ଗୋଡ଼ ଖସି ଯିବାରୁ ସେ ପାଣି ସୁଅରେ ଭାସି ଯାଇଥିଲେ। ଏହାଦେଖି ସଂଗ୍ରାମ ତାଙ୍କୁ ଉଦ୍ଧାର କରିବାକୁ ନଈକୁ ଲମ୍ଫ ଦେଇଥିଲେ। ମାତ୍ର ସେ ମଧ୍ୟ ଭାସିଯାଇଥିଲେ। ଅନ୍ୟ ପିଲାମାନେ ଆସି ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଓ ପୁରୁଷୋତ୍ତମପୁର ଦମକଳ ବାହିନୀ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ୨ ଭାଇଙ୍କର ପତ୍ତା ପାଇ ନ ଥିଲେ।

# ପୋଲିସର ଯାନବାହନ ଯାଞ୍ଚ

ଦାରିଙ୍ଗବାଡ଼ି,୨୫।୧୦(ଡି.ଏନ.ଏ)

ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଇଛି । ମୋଟ ୧୨ହଜାର ୮ଶହ ଟଙ୍କା ଜୋରିମାନା ଆଦାୟ ହୋଇଥିବା ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଥାନାରେ ଆହୁରି କିଛି ବାଇକ୍ ଅଟକ ରଖାଯାଇଛି। ସେଗୁଡ଼ିକର ଯାଞ୍ଚ ଚାଲିଥିବା ସ୍ୱାଇଁ କହିଛନ୍ତି । ଯେଉଁ ମାଲିକ ଗାଡ଼ି ଛାଡ଼ି ପଳାଇଥିଲେ ସେଗୁଡ଼ିକ ଥାନାକୁ ଆଣି କାଗଜପତ୍ର ଦେଖାଇବା ପରେ ଜୋରିମାନା ଆଦାୟ କରି ପୋଲିସ ସେମାନଙ୍କୁ ଛାଡ଼ିଛି । ଖବର ଲେଖିବା ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଥିଲା ।




# ଜୁଆ ଖେଳକୁ ନେଇ ଗଣ୍ଡଗୋଳ, ପୋଲିସ ହାତ ଖାଲି

ଭଞ୍ଜନଗର,୨୫।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ସାନକୋଦଣ୍ଡା ପଞ୍ଚାୟତ ଯୋଗିମାରୀରେ ବୁଧବାର ରାତିରେ ଜୁଆ ଖେଳକୁ ନେଇ ଶିବ ପ୍ରଧାନ ଓ ବିଷ୍ଣୁ ପ୍ରଧାନଙ୍କ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ବିଷ୍ଣୁ ଆହତ ହୋଇ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଯୋଗିମାରିରେ ଉତ୍ତେଜନା ଲାଗିରହିଛି। ପୋଲିସ ଏନେଇ ଉଭୟ ଗୋଷ୍ଠୀ ବିରୋଧରେ ୨ଟି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ସୁଦ୍ଧା କାହାରିକୁ ଗିରଫ କରାଯାଇନଥିବା ଜଣାପଡିଛି। ଏଥିସହ ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବିଷ୍ଣୁ ଥାନାରେ ଅଭିଯୋଗ କରିଛନ୍ତି ଯେ, ଗତକାଲି ସନ୍ଧ୍ୟାରେ ଶିବ ଓ ତାଙ୍କ ସହଯୋଗୀ ମୋତେ ଜୁଆ ଖେଳ ଏବଂ ପୂର୍ବରୁ ଲାଗିରହିଥିବା ଜମିଜମା ବିବାଦକୁ ନେଇ ଆକ୍ରମଣ କରିଥିଲେ। ଅପରପକ୍ଷେ ଶିବ ମଧ୍ୟ ବିଷ୍ଣୁଙ୍କ ସମେତ ତାଙ୍କ ୧୦ଜଣ ସହଯୋଗୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ବିଷ୍ଣୁ ଗ୍ରାମ ନିକଟରେ ଜୁଆ ଖେଳ ପକାଉଛନ୍ତି। ଏନେଇ ପୋଲିସକୁ କହିଥିଲୁ, କିନ୍ତୁ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏହିଭଳି ପରିସ୍ଥିତିରେ ବିଷ୍ଣୁ ଗୋଷ୍ଠୀ ବନ୍ଧୁକ ଧରି ମୋତେ ଗତକାଲି ରାତିରେ ମାରିବାକୁ ଧମକ ଦେଇଥିଲେ। ଏହାପରେ ପୋଲିସ ଗ୍ରାମରେ ପହଞ୍ଚି ମୋତେ ଉଦ୍ଧାର କରି ଥାନାକୁ ଆଣିବା ପରେ ଏତଲା ଦେଇଥିଲି।

# ମଧ୍ୟାହ୍ନଭୋଜନକୁ ନେଇ ଭୁଲ ତଥ୍ୟ: ପ୍ରଧାନଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୨୫।୧୦

ମଧ୍ୟାହ୍ନଭୋଜନ ବାବଦରେ ମିଥ୍ୟା ରିପୋର୍ଟ ଦେବା ଜଣେ ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡିଛି । ଗ୍ରାମବାସୀଙ୍କ ଅଭିଯୋଗ ପରେ ଏବଂ ତଦନ୍ତରେ ପ୍ରଧାନ ଶିକ୍ଷକ ଜଣକ ଭୁଲ କରିଥିବା ସ୍ପଷ୍ଟ ହେବାରୁ ତାଙ୍କୁ ନିଲମ୍ବିତ କରାଯାଇଛି । ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୂଆପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ସ୍ୱାଇଁ। ମିଳିଥିବା ସୂଚନା ଅନୁସାରେ, ଗତ ଗୁରୁଦିବସରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇ ନ ଥିଲା । ମାତ୍ର ପ୍ରଧାନ ଶିକ୍ଷକ ଖାଇବାକୁ ଦିଆଯାଇଥିବା ନେଇ ଏସ୍‌ଏମ୍‌ଏସ୍ ଜରିଆରେ ଜିଲା ଶିକ୍ଷା ବିଭାଗକୁ ଜଣାଇଥିଲେ। କିନ୍ତୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବା ନେଇ କେତେକ ଗ୍ରାମବାସୀ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ । ଫିରିଙ୍ଗିଆ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଘଟଣାର ତଦନ୍ତ କଲା ବେଳେ ପିଲାମାନଙ୍କୁ ଖାଦ୍ୟ ଦିଆଯାଇ ନ ଥିବା ସ୍ପଷ୍ଟ ହୋଇଥିଲା। ତେଣୁ ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ଗୁରୁବାର ନିଲମ୍ବିତ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ ସୂଚନା ଦେଇଛନ୍ତି ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ